## ପାଣିରେ ବୁଡ଼ି ନାବାଳକ ମୃତ

ଅନୁଗୋଳ ଅଫିସ, ୨।୯- ଅନୁଗୋଳ ସଦର ଥାନା ଆବୃତ ସଦନରେ ରହୁଥିବା ୧୪ ବର୍ଷୀୟ ନାବାଳକ ସମ୍ପଦ ଦେହୁରୀ(୧୪)ଙ୍କ ପାଣିରେ ବୁଡି ମୃତ୍ୟୁ ହୋଇଥିବା ଥାନା ଅଧିକାରୀ ସତ୍ୟବ୍ରତ ରାଉତ ସୂଚନା ଦେଇଛନ୍ତି। ସମ୍ପଦ ଗାଧୋଇବାକୁ ଯାଇଥିବା ବେଳେ ବୁଡି ଯାଇଥିଲେ। ଫଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସମ୍ପଦଙ୍କ ଘର କିଶୋରନଗର ବ୍ଲକ ହଣ୍ଡପା ଅଞ୍ଚଳରେ ହୋଇଥିବାବେଳେ ପୂର୍ବରୁ ତାଙ୍କ ମାତା ପିତାଙ୍କର ଦେହାନ୍ତ ହୋଇଯାଇଛି।

## ସଂକ୍ଷେପରେ

### ସାପ କାମୁଡ଼ାରେ ୪ର୍ଥ ଶ୍ରେଣୀ ଛାତ୍ରୀ ମୃତ

**କଣିହାଁ,୨।୯(ଡି.ଏନ.ଏ):** କଣିହାଁ ବ୍ଲକ ବିରୁ ଗ୍ରାମର ପ୍ରମୋଦ ଗଡନାୟକଙ୍କ ଝିଅ ପ୍ରୀତିମୟୀ ଗଡ଼ନାୟକ (୧୦) ଗୁରୁବାର ରାତିରେ ସାପ କାମୁଡ଼ାରେ ପ୍ରାଣ ହରାଇଛନ୍ତି। ପ୍ରୀତିମୟୀ ମାମୁଘର ଡେରାଗୋଲା ଗ୍ରାମକୁ ଯାଇଥିଲେ। ସନ୍ଧ୍ୟାରେ ଘର ଦୁଆର ମୁହଁରେ ଛିଡା ହୋଇଥିବାବେଳେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ତାଙ୍କୁ ପ୍ରଥମେ ତାଳଚେର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ସେଠାରୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପ୍ରୀତିମୟୀ ୪ର୍ଥ ଶ୍ରେଣୀରେ ପଢୁଥିଲେ ବୋଲି ଜଣାପଡ଼ିଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତାଙ୍କ ମୃତ୍ୟୁ ଖବରପାଇ ଗ୍ରାମବାସୀ, ବିଦ୍ୟାଳୟ ଓ ସାଙ୍ଗସାଥୀଙ୍କ ମଧରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି। ଖବରପାଇ କଣିହାଁ ବ୍ଲକ ଅଧକ୍ଷ ରାମକୃଷ୍ଣ ପ୍ରଧାନ ମୃତ ଛାତ୍ରୀଙ୍କ ଘରେ ପହଞ୍ଚି ଶୋକଶନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

### ସେପ୍ଟେମ୍ବର ପାଇଁ ଜନଶୁଣାଣି କାର୍ଯ୍ୟକ୍ରମ

**ଅନୁଗୋଳ ଅଫିସ, ୨।୯ :** ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସେପ୍ଟେମ୍ବର ମାସ ପାଇଁ ମିଳିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏଥିରେ ଜିଲାପାଳ ଓ ଅନୁଗୋଳ ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେବେ। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସେପ୍ଟେମ୍ବର ୫ ତାରିଖ ପୂର୍ବାହ୍ନ ୧୦ଟାରେ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ କଣିହାଁ ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ। ସେହିପରି ୧୨ ତାରିଖରେ ଜିଲା କାର୍ଯ୍ୟାଳୟ, ୧୯ ତାରିଖରେ ବଁଅରପାଳ ବ୍ଲକ କାର୍ଯ୍ୟାଳୟ ଓ ୨୬ ତାରିଖରେ ଜିଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ। ଏହି ସମସ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ ଯୋଗ ଦେଇ ନିଜ ନିଜର ଆପତ୍ତି ଅଭିଯୋଗ ଉପସ୍ଥାପନ କରିବାକୁ ଜିଲା ପ୍ରଶାସନ ତରଫରୁ ଜଣାଇ ଦିଆଯାଉଛି।

# ଢେଙ୍କାନାଳ ପୌରସଂସ୍ଥାରେ ଅଚଳାବସ୍ଥା

■ଉତ୍ସବ ବାତିଲ, ଭାଜପା କାଉନ୍‌ସିଲରଙ୍କ ମନ୍ତବ୍ୟର ପ୍ରତିବାଦ
■ଅଧିକାରୀ, ଯନ୍ତ୍ରୀ, କର୍ମଚାରୀଙ୍କ କଲମ ଛାଡ଼ ଆନ୍ଦୋଳନ

**ଢେଙ୍କାନାଳ ଅଫିସ, ୨।୯**

ଢେଙ୍କାନାଳ ପୌର କାର୍ଯ୍ୟାଳୟରେ ପହଞ୍ଚିଛି ବିଜେଡି-ଭାଜପା କଳି। ସ୍ୱାୟତ୍ତ ଶାସନ ଦିବସର ସାନ୍ଧ୍ୟ କାର୍ଯ୍ୟକ୍ରମ ବାତିଲ ଓ ଭାଜପା କାଉନ୍‌ସିଲର ସୂର୍ଯ୍ୟପ୍ରତାପ ରାଉତଙ୍କ ଅଯୋଗ୍ୟ ମନ୍ତବ୍ୟ ପ୍ରତିବାଦରେ ଶୁକ୍ରବାର ନିର୍ବାହୀ ଅଧିକାରୀ, ଯନ୍ତ୍ରୀ ଏବଂ କର୍ମଚାରୀ କଲମଛାଡ଼ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହାକୁ ନେଇ କାର୍ଯ୍ୟାଳୟ ଠପ୍ ହୋଇ ଯାଇଥିବାବେଳେ ସୃଷ୍ଟି ହୋଇଛି ଅଚଳାବସ୍ଥା। ଶନିବାର ପୌରାଧ୍ୟକ୍ଷା, ଜିଲାପାଳଙ୍କ ସହ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଆନ୍ଦୋଳନରତ କର୍ମଚାରୀମାନେ ରୋକ୍‌ଠୋକ୍ ଶୁଣାଇଛନ୍ତି।

ଏ ସଂକ୍ରାନ୍ତରେ ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ କୁହନ୍ତି, ବର୍ଷକୁ ଥରେ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ପୌର କର୍ମଚାରୀମାନେ ସାନ୍ଧ୍ୟ ଉତ୍ସବ ପାଳନ କରିଥାଆନ୍ତି। କିନ୍ତୁ ପୌରାଧ୍ୟକ୍ଷା ଉତ୍ସବରେ ଯୋଗ ଦେବା ଲାଗି ଅନିଚ୍ଛା ପ୍ରକାଶ କଲେ। ଯେହେତୁ ସେ ଜଣେ ମହିଳା ଜନପ୍ରତିନିଧି ଏବଂ


କର୍ମଚାରୀଙ୍କ କଲମଛାଡ ଆନ୍ଦୋଳନ।

ଆମ ଘରର ମୁରବୀ, ତେଣୁ ତାଙ୍କୁ ସମ୍ମାନ ଜଣାଇ ଏଭଳି ବଡ଼ ଉତ୍ସବକୁ ବାତିଲ କରାଗଲା। କାରଣ ରାଜ୍ୟ ସରକାରଙ୍କର ନିର୍ଦ୍ଦେଶ ରହିଛି ମହିଳାଙ୍କୁ ସର୍ବଦା ସମ୍ମାନ ପ୍ରଦର୍ଶନ। ଉତ୍ସବରେ ଏମ୍‌ପି, ବିଧାୟକ, ଜିଲାପାଳଙ୍କୁ ଅତିଥି ଭାବେ ଡାକିଥିଲୁ। କିନ୍ତୁ ଉତ୍ସବ ବନ୍ଦ ହେବାରୁ ମୁଣ୍ଡ ତଳକୁ ହୋଇଯାଇଛି। ଏହା ଆମ ସମସ୍ତଙ୍କୁ ଆଘାତ ଦେଇଛି। ମର୍ମାହତ ମଧ କରିଛି। ସବୁଠାରୁ ବଡ଼ କଥା ହେଉଛି, ୯ନଂ. ୱାର୍ଡ ଭାଜପା କାଉନସିଲର 'ମ୍ୟୁନିସିପାଲ୍-୨୦୨୨ ହ୍ୱାଟସ୍‌ଆପ୍ ଗ୍ରୁପ୍'ରେ କରିଥିବା ମେସେଜ୍। ଏଥିରେ ଲେଖାଯାଇଛି, ତାଳଚେର ପୌରସଂସ୍ଥାରେ ବିଜେଡି କାଉନ୍‌ସିଲର ଯୋଗ ନ ଦେବା ସତ୍ତ୍ୱେ ସେଠାକାର ନିର୍ବାହୀ ଅଧିକାରୀ ଭାଜପା କାଉନ୍‌ସିଲରଙ୍କୁ ନେଇ ଉତ୍ସବ ପାଳନ କଲେ। କିନ୍ତୁ ଆମର ଉତ୍ସବ ବାତିଲ ହେବା ପୌର ନିର୍ବାହୀ ଅଧିକାରୀ ଓ କର୍ମଚାରୀଙ୍କ ଅଯୋଗ୍ୟତା ବୋଲି ଭାଜପା କାଉନସିଲର ମେସେଜ କରିଥିଲେ, ଯାହା ଆମ ସମସ୍ତଙ୍କୁ ମାନସିକ ଆଘାତ ଦେଇଛି। ଢେଙ୍କାନାଳ ସହରର ଉନ୍ନତୀକରଣ ପାଇଁ ଆମେ ସମସ୍ତେ ଏକାଠି ହୋଇ କାମ କରୁଛି। ଏଭଳି ମନ୍ତବ୍ୟ କାର୍ଯ୍ୟ କରିବାରେ ବାଧକ ହେବ। ଏହାର ପ୍ରତିବାଦରେ କଲମ ଛାଡ଼ ଓ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ଏ ସମ୍ପର୍କରେ ଜିଲାପାଳ, ପୌରାଧ୍ୟକ୍ଷାଙ୍କୁ ଲିଖିତ ଭାବେ ଜଣାଇ ଆଲୋଚନା କରାଯିବ। ଏହାପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି। ପୌରଯନ୍ତ୍ରୀ ରଶ୍ମିତା ମିଶ୍ର କୁହନ୍ତି, ପୌରାଧ୍ୟକ୍ଷାଙ୍କୁ ସମ୍ମାନ ଜଣାଇ ଉତ୍ସବ ବନ୍ଦ କରାଯାଇଥିଲା। କିନ୍ତୁ ୯ନଂ. ୱାର୍ଡ ଭାଜପା କାଉନ୍‌ସିଲର ଅଯୋଗ୍ୟ କହିବା ଆମକୁ ମର୍ମାହତ କରିଛି। ସେ ଭୁଲ ମାଗିବା ପରେ କାର୍ଯ୍ୟ ଆରମ୍ଭ ହେବ।

ଅନ୍ୟପଟେ କର୍ମଚାରୀଙ୍କ କଲମଛାଡ଼ ଆନ୍ଦୋଳନ ସମ୍ପର୍କରେ ସୂଚନା ପାଇବା ପରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ନିର୍ବାହୀ ଅଧିକାରୀଙ୍କ ସହ ଫୋନ୍‌ରେ ଆଲୋଚନା କରିଛନ୍ତି। ଆନ୍ଦୋଳନରୁ ନିବୃତ୍ତ ରହିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଶନିବାର ଅପରାହ୍ନରେ ସେ କାର୍ଯ୍ୟାଳୟକୁ ଆସି ଆଲୋଚନା କରିବେ। ଏହାପରେ ଜିଲାପାଳଙ୍କ ସହ ଆଲୋଚନା କରାଯିବ ଏବଂ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି।

## ୨୪ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର

**ଛେଣ୍ଡିପଦା,୨।୯(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ପରଙ୍ଗ ଗ୍ରାମର ପିତାବଳୀ ଠାକୁରଙ୍କ ପୀଠସ୍ଥଳରେ ବାର୍ଷିକ ପୂଜା ଅବସରରେ ପରଙ୍ଗ ଗ୍ରାମ କମିଟି ପକ୍ଷରୁ ଏକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ସଭାପତି ବିପିନ ବିହାରୀ ପାତ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ଅନୁଗୋଳ ଜିଲା ସଂଯୋଜକ ଦିଲୀପ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଗ୍ରାମ କମିଟି ସଭାପତି, ସମ୍ପାଦକ ବିପାସା କୁମାର ସାହୁ, କନ୍ଦର୍ପ ସାହୁ, ସରପଞ୍ଚ ଶବର କୁମାର ବେହେରା, ସମିତି ସଭ୍ୟ ସୁଜାତାରାଣୀ ନାଏକ, ଶିକ୍ଷାବିତ୍ ଗୋବର୍ଦ୍ଧନ ମହାଖୁଡ, ଶିକ୍ଷକ ଶଶାଙ୍କ ଶେଖର ନାଥ, ପାଲା ଗାୟକ ସଂଘ ସଭାପତି ବିଭୂତି ଭୂଷଣ ନାଥ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ମୋଟ୍ ୧୭୧ ଛାତ୍ରୀଛାତ୍ର ଭାଗନେଇଥିବାବେଳେ ୨୪ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲ। ଗ୍ରାମର ପୂର୍ବତନ ସଭାପତି ଅନନ୍ତ କୁମାର ବେହେରା, ଶିକ୍ଷକ ସତ୍ୟବ୍ରତ ନାୟକ, ଅରୁଣ କୁମାର ସାହୁ, ରୋହିତାସ୍ୱ ଦଳବେହେରା, ପ୍ରଫୁଲ୍ଲ ସେନାପତି, ବିଶ୍ୱଜିତ ସିଂହ, ମିଥୁନ ମହାଖୁଡ, ଦୟାନିଧି ସେଠୀ, ସରୋଜ ଦଳବେହେରା, ରିଙ୍କୁ ପାତ୍ର, କୋଷାଧ୍ୟକ୍ଷ ଦାମୋଦର ମହାଖୁଡ ପ୍ରମୁଖ ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ଜାତୀୟ କ୍ରୀଡ଼ା ଦିବସ ଉଦ୍‌ଯାପିତ

**ମାଧପୁର,୨।୯**

ଆଠମଲ୍ଲିକ ବ୍ଲକ ମାଧପୁର ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ଜାତୀୟ କ୍ରୀଡ଼ା ଦିବସ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଅବସର ପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଭାବନି ଶଙ୍କର ମିଶ୍ର ଯୋଗଦେଇ ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ବିଶେଶ୍ୱର ତ୍ରିପାଠୀ ପରିଚାଳନା କରିଥିବାବେଳେ ଶିକ୍ଷକ କ୍ରିଷ୍ଣାଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡ଼ା ଶିକ୍ଷକ ବଳରାମ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇଥିବାବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଏବଂ କର୍ମଚାରୀ ସହଯୋଗ କରିଥିଲେ।


କୃତୀ ଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

## ରେଳ ଧାରଣାରୁ ମୃତଦେହ ଜବତ

**ବଇଣ୍ଡା,୨।୯(ଡି.ଏନ.ଏ)**

ତାଳଚେର-ସମ୍ବଲପୁର ରେଳପଥର ହଣ୍ଡପା ଥାନା ଶରଧାମୁଣ୍ଡା ଗ୍ରାମ ନିକଟରୁ ଶୁକ୍ରବାର ଜଣେ ମହିଳାଙ୍କ ମୃତଦେହ ବଇଣ୍ଡା ରେଳ ଫାଣ୍ଡି ପୋଲିସ ଜବତ କରିଛି। ମୃତ ମହିଳା ହେଲେ ହଣ୍ଡପା ଥାନା କୁଶବଣିଆସାହିର ଗୀତାଞ୍ଜଳି କାନ୍ଧିଆ ବୋଲି ସୂଚନା ମିଳିଛି। ସେ ମାନସିକ ଭାରସ୍ୟାମ ହରାଇ ରେଳ ଧାରଣାରେ ଆତ୍ମହତ୍ୟା କରିଥିବା କୁହାଯାଉଛି। ତାଙ୍କ ମୃତଦେହ ରେଳଧାରଣାରେ ପଡିଥିବା ଖବରପାଇ ଶରଧାମୁଣ୍ଡା ଗ୍ରାମବାସୀ ବଇଣ୍ଡା ରେଳଫାଣ୍ଡିକୁ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଛି।

## ଶ୍ରାଦ୍ଧବାର୍ଷିକୀରେ ୫୦ ୟୁନିଟ୍ ରକ୍ତ ସଂଗ୍ରହ



ଶିବିରରେ ଉପସ୍ଥିତ ଅତିଥିମାନେ ରକ୍ତଦାତାଙ୍କୁ ଉତ୍ସାହିତ କରୁଛନ୍ତି।

**ବଁଅରପାଳ,୨।୯(ଡି.ଏନ.ଏ)**

ବଁଅରପାଳ ବ୍ଲକ ତୁଳସୀପାଳ ଗ୍ରାମର ଯୁବନେତା ଜିତେନ୍ଦ୍ର କୁମାର ଜେନାଙ୍କ ସାନ ଭାଇ ସ୍ୱର୍ଗତ ଧର୍ମେନ୍ଦ୍ର ଜେନାଙ୍କ ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ସମ୍ମାନିତ ଅତିଥି ଭାବେ ଏମ୍‌ପିଙ୍କ ଜିଲା ପ୍ରତିନିଧି ଭକ୍ତିପ୍ରସାଦ ଦାସ, ପୂର୍ଣ୍ଣଚନ୍ଦ୍ର ରାଉତ, ଦୁଷ୍ମନ୍ତ ଗଡ଼ନାୟକ, ନରେଶ ଚନ୍ଦ୍ର ବେହେରା, ଗ୍ରାମର ବରିଷ୍ଠ ବିଜେଡି ନେତା ବାଉରୀବନ୍ଧୁ ସାହୁ, ଦୁଃଖବନ୍ଧୁ ବିଶ୍ୱାଳ, ସରପଞ୍ଚ ସୁନିତା ସେଠୀ, ସମିତିସଭ୍ୟ କର୍ଣ୍ଣ ଗୋଛାୟତ, ନାଏବ ସରପଞ୍ଚ ସସ୍ମିତା ସାମଲ ଉପସ୍ଥିତ ଥିଲେ। ଶିବିରରେ ୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

## ୟୁଥ୍ କ୍ଲବ ପକ୍ଷରୁ ରକ୍ତଦାନ ଶିବିର

**ବଇଣ୍ଡା,୨।୯(ଡି.ଏନ.ଏ)**

କିଶୋରନଗର ବ୍ଲକ ଇଚ୍ଛାପୁରଠାରେ ଶୁକ୍ରବାର ଜୀବନ ବିନ୍ଦୁ ତରଫରୁ ବିନାୟକ ୟୁଥ୍ କ୍ଲବ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ପାଟଯୋଶୀ ଓ ତାଙ୍କ ସହକର୍ମୀଙ୍କ ତତ୍ତ୍ୱାବଧାନରେ ଆଖପାଖ ଅଞ୍ଚଳରୁ ବହୁ ଯୁବତୀଯୁବକ ଯୋଗଦେଇ ରକ୍ତଦାନ କରିଥିଲେ। ଏଥିରେ ୮୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ନୟନି ବେହେରା, ସମିତିସଭ୍ୟା ରୀତା ସାହୁ, ଯୁବ ବିଜେଡି ନେତା ଅରୁଣ ସାହୁ, କୃଷକ ସମାଜ ସଭାପତି ଭାଗୀରଥି ସାହୁ, ଅବସରପ୍ରାପ୍ତ ପୋଲିସ କର୍ମଚାରୀ ଅର୍ଜୁନ ସାହୁ, ଉତ୍ତମ ମାଟିଆରୀ, ଅସିତ୍ ସାହୁ, କ୍ଲବ ସଭାପତି ଅଭୟ ସାହୁ, ସମ୍ପାଦକ ବାପୁଜୀ ଦେହୁରୀ ଯୋଗ ଦେଇଥିଲେ। ବିନାୟକ ୟୁଥ୍ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ଶିବିରରେ ଉପସ୍ଥିତ ଅତିଥିଙ୍କ ସମେତ ରକ୍ତଦାତା।

## ନାଲ୍‌କୋନଗର, କଣିହାଁରେ ଗଣପତିଙ୍କ ପୂଜା

**ବଁଅରପାଳ/କଣିହାଁ୨।୯(ଡି.ଏନ.ଏ)**

ନାଲ୍‌କୋନଗରରେ ୬ ମଣ୍ଡପରେ ପ୍ରଭୁ ଗଣପତିଙ୍କ ପୂଜା ପାଳିତ ହେଉଛି। ଆକର୍ଷଣୀୟ ସାଜସଜା ଓ ରଙ୍ଗିନ ଆଲୋକମାଳାରେ ପୂଜା ମଣ୍ଡପ ଝଲସି ଉଠୁଛି। ଧ୍ରୁମ କ୍ଲବ, ଗଣପତି କ୍ଲବ, ଆର୍‌ଆର୍ କ୍ଲବ ଆଦି ବିଭିନ୍ନ ସ୍ଥାନରେ ପୂଜା ପାଳିତ ହେଉଛି। ସତ୍ୟବ୍ରତ ସାମଲ, ଶୁଭମ ଜେନା, ସତ୍ୟ ପ୍ରକାଶ, ସ୍ୱାଗତ ଜେନା, ସୌରଭ ଜେନା, ଅମ୍ଳାନ ସେଠ ପ୍ରମୁଖ ପରିଚାଳନା କରୁଛନ୍ତି। ସେହିପରି କଣିହାଁ ବ୍ଲକର ଅନେକ ମଣ୍ଡପରେ ଗଣେଶ ପୂଜା ପାଳିତ ହେଉଛି। ବିଭିନ୍ନ ପୂଜା କମିଟି ତରଫରୁ ନାମସଂର୍କୀତ୍ତନ, ପ୍ରସାଦସେବନ ବ୍ୟବସ୍ଥା ବହୁ ସ୍ଥାନରେ ଚାଲିଛି। ଗୁରୁବାର ବଡ଼ହୀରା ଗ୍ରାମରେ ମହିଳା ନାମ ସଂକୀର୍ତ୍ତନ ସହିତ ନଦିଆ ଦଳ ସଂର୍କୀତନ କରିଥିଲେ। ବାଲିପଟା, କାକୁଡ଼ିଆ, ପଥରମୁଣ୍ଡା, ବଡ଼ଗୁଣ୍ଡୁରୀ, କଂସମୁଣ୍ଡା, ପଟ୍ଟାଖମଣ ସମେତ ଅନେକ ଗ୍ରାମରେ ପୂଜା ଆରାଧନା ଜାରି ରହିଛି। ବହୁ ଶ୍ରଦ୍ଧାଳୁ ମଣ୍ଡପରେ ଗଣନାଥଙ୍କୁ ଦର୍ଶନ କରିବାସହ ବ୍ୟବସ୍ଥିତ କାର୍ଯ୍ୟକ୍ରମରେ ସହଯୋଗ କରୁଛନ୍ତି।


ନାଲ୍‌କୋନଗରରେ ଅଞ୍ଚଳରେ ହୋଇଥିବା ଗଣେଶ ପୂଜା।


କଣିହାଁ ବ୍ଲକ ପଟାଖମଣ ଗ୍ରାମରେ ପୂଜା।

## ଚୋରା କେନ୍ଦୁପତ୍ର ବୋଝେଇ ଗାଡ଼ି ଜବତ



ହଣ୍ଡପା ବନ ବିଭାଗ ପକ୍ଷରୁ ଜବତ କେନ୍ଦୁପତ୍ର ବୋଝେଇ ଗାଡି।

**ବଇଣ୍ଡା,୨।୯(ଡି.ଏନ.ଏ)**

ଅନୁଗୋଳ ଜିଲା କିଶୋରନଗର ଥାନା ତୁରୁଡ଼ା ଗ୍ରାମ ନିକଟରୁ ଗୁରୁବାର ରାତିରେ ଏକ ଚୋରା କେନ୍ଦୁପତ୍ର ବୋଝେଇ ଟାଟା ଏସିଇକୁ ହଣ୍ଡପା ବନବିଭାଗ ଜବତ କରିଛି। ସେଥିରୁ ୧ ଲକ୍ଷ ଟଙ୍କାର କେନ୍ଦୁପତ୍ର ଜବତ ହୋଇଥିବା ବନବିଭାଗ ସୂଚନା ଦେଇଛି। ଘଟଣାରୁ ଜଣାପଡିଛି, ଏକ ଟାଟାଏସିଇ (ନଂ. ଓଡି୧୫ -ବି -୦୫୩୨) ଯୋଗେ ଚୋରା କେନ୍ଦୁପତ୍ର ହଣ୍ଡପା ଅଭିମୁଖେ ନିଆଯାଉଥିବା ଖବରପାଇ ହଣ୍ଡପା ଫରେଷ୍ଟର ସୁବ୍ରତ କୁମାର ଶତପଥୀ, ପୁରୁଷୋତ୍ତମ ଦେହୁରୀ, ସତ୍ୟବାନ ମାହାର ପ୍ରମୁଖ ଚଢ଼ାଉ କରି ଗାଡି ସହ କେନ୍ଦୁପତ୍ର ଜବତ କରିଥିଲେ। ବନ ବିଭାଗ କର୍ମଚାରୀଙ୍କୁ ଦେଖି ଚୋରା ବ୍ୟବସାୟୀ ସହ ଚାଳକ ଫେରାର ହୋଇଯାଇଛନ୍ତି।

## ଗୁରୁତରଙ୍କୁ ଶୀଘ୍ର ମେଡିକାଲରେ ପହଞ୍ଚାଅ

**ବଇଣ୍ଡା,୨।୯(ଡି.ଏନ.ଏ)**

ଦୁର୍ଘଟଣାଗ୍ରସ୍ତଙ୍କୁ ତ୍ୱରିତ ଚିକିତ୍ସା ସେବା ମିଳିପାରିଲେ ଅନେକ ନିରୀହ ଜୀବନ ରକ୍ଷାପାଇପାରିବ। ଏ ଦିଗରେ ସମସ୍ତେ ଗୁରୁତ୍ୱ ଦେବା ଆବଶ୍ୟକ। ଶୁକ୍ରବାର କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟ ପରିସରରେ ଜିଲା ପରିବହନ ବିଭାଗ ପକ୍ଷରୁ ଅନୁଷ୍ଠିତ 'ରକ୍ଷକ' ଉପରେ ଏକ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ଏହା ମତପ୍ରକାଶ କରିଛନ୍ତି। ତାଳଚେର ପରିବହନ ବିଭାଗ ଅଧିକାରୀ ନିଖିଲ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନୁଗୋଳ ଜିଲା ପରିବହନ ଅଧିକାରୀ ବି. ସିଂହ ସାମନ୍ତ, ଅନ୍ୟତମ ଅତିଥି ଭାବେ ହଣ୍ଡପା ଆଇଆଇସି ନମିତା ନାୟକ, ବଇଣ୍ଡା ଫାଣ୍ଡି ଅଧିକାରୀ ଅରୁଣ ପଣ୍ଡା, ବଇଣ୍ଡା କଲେଜ ଅଧାପକ ରବିନାରାୟଣ ବେହେରା, ଅଧାପକ ଅସିତ ଜେନା, ପ୍ରାଧାପକ କାଳନ୍ଦୀଚରଣ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଡ୍ରାଇଭର ସଂଘର କର୍ମକର୍ତ୍ତା, ଛାତ୍ରୀଛାତ୍ର, ଅଞ୍ଚଳବାସୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ପୁଣି ଧରାହେଲା ପାଉଡର

■ରାଜପଥ ପାଲଟିଛି ଦାମୀ ନିଶା ବ୍ୟବସାୟର ହବ୍
■୪୪ ଗ୍ରାମ ବ୍ରାଉନ୍ ସୁଗାର ଜବତ, ଅଭିଯୁକ୍ତ ଗିରଫ

**ଢେଙ୍କାନାଳ ଅଫିସ, ୨।୯**

ଢେଙ୍କାନାଳ ଦେଇ ଯାଇଥିବା ବ୍ୟସ୍ତବହୁଳ ଜାତୀୟ ରାଜପଥ ୫୩ ପାଲଟିଛି ବ୍ରାଉନ୍ ସୁଗାର ଭଳି ନିଷିଦ୍ଧ ନିଶା କାରବାରର ପେଣ୍ଠସ୍ଥଳୀ। ନିଶା ବ୍ୟବସାୟୀମାନେ ରାସ୍ତାକଡ଼ରେ ଗ୍ରାହକଙ୍କୁ ଅପେକ୍ଷା କରୁଛନ୍ତି। କୌଶଳକ୍ରମେ ପୁଡ଼ିଆ ଧରାଇଦେଇ ରୋଜଗାର କରୁଛନ୍ତି ଲକ୍ଷାଧିକ ଟଙ୍କା। ଗୁରୁବାର ରାତିରେ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ବଳଦିଆବନ୍ଧ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରୁ ୪୪ ଗ୍ରାମ ବ୍ରାଉନ୍‌ସୁଗାର ସହ ଜଣେ ଯୁବକ ଧରାପଡ଼ିଛନ୍ତି। ଗତ ଦୁଇମାସରେ ଅନୁରୂପ ଭାବେ ୩ରୁ ୪ ଘଟଣାରେ ପାଉଡ଼ର ଜବତ କରାଯାଇଛି। ତେଣୁ ଏନ୍‌ଏଚ୍ ଏବେ ବ୍ରାଉନ୍‌ସୁଗାର କାରବାରର ଠିକଣା ପାଲଟିଥିବା ଚର୍ଚ୍ଚା ହେଉଛି।

ଧରାପଡ଼ିଥିବା ଅଭିଯୁକ୍ତ ହେଲେ ବଳଦିଆବନ୍ଧ ଗ୍ରାମର ରାଜେନ୍ଦ୍ର କୁମାର ବେହେରା (୩୦)। ସେ ବ୍ରାଉନ୍ ସୁଗାର ବିକ୍ରି କରିବା ଲାଗି ଗ୍ରାହକଙ୍କୁ ଅପେକ୍ଷା କରିଥିବାବେଳେ କୌଣସି ସୂତ୍ରରୁ ସୂଚନା ପାଇ ଢେଙ୍କାନାଳ ଅବକାରୀ ବିଭାଗର ମୋବାଇଲ ସ୍କ୍ୱାଡ୍ ତାଙ୍କୁ ଧରିଥିଲା। ଜବତ ବ୍ରାଉନ ସୁଗାର ମୂଲ୍ୟ ପ୍ରାୟ ସାଢ଼େ ୪ଲକ୍ଷ ହେବ ବୋଲି ଜିଲା ଅବକାରୀ ଅଧୀକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। କଟକ ଜିଲା ଆଠଗଡ ଥାନା ଅଞ୍ଚଳରୁ ଅଭିଯୁକ୍ତ ଏହାକୁ ଆଣିଥିବା ଜେରା ସମୟରେ କହିଥିବା ଅବକାରୀ ଅଧୀକ୍ଷକ ସୂଚନା ଦେଇଛନ୍ତି। ଏଥିପୂର୍ବରୁ ଗତ ଅଗଷ୍ଟ ୧୬ରେ ବଳଦିଆବନ୍ଧ ନିକଟ ୫୫ନଂ. ଜାତୀୟ ରାଜପଥରୁ ୩୦ ଗ୍ରାମ ବ୍ରାଉନସୁଗାର ଜବତ ହୋଇଥିଲା। ଏହି ଘଟଣାରେ ଅଞ୍ଚଳର ବିଷ୍ଣୁଚରଣ ସାହୁ ନାମକ ଜଣେ ଯୁବକ ଗିରଫ ହୋଇଥିଲେ। ସେହିପରି ରାଜପଥରେ ବ୍ରାଉନ୍ ସୁଗାର ବିକ୍ରି ଉଦ୍ୟମ କରାଯାଉଥିବା ବେଳେ ଅନ୍ୟ ୨ଟି ଘଟଣାରେ ଅବକାରୀ ବିଭାଗ ଚଢ଼ାଉ କରିଥିବା ନଜିର ରହିଛି। ନିର୍ଜନ ରାତିରେ ୫୫ନଂ. ଜାତୀୟ ରାଜପଥ ବ୍ରାଉନ ସୁଗାର ବ୍ୟବସାୟ ହେଉଥିବା ଏହି ସବୁ ଘଟଣାରୁ ସ୍ପଷ୍ଟ ହୋଇଥିବା ବେଳେ ରାତ୍ରିକାଳୀନ ପାଟ୍ରୋଲିଂ ଏବଂ ଗୋଇନ୍ଦା ବିଭାଗକୁ ସକ୍ରିୟ କରିବାକୁ ସାଧାରଣରେ ଦାବି ହେଉଛି।


ଜବତ ବ୍ରାଉନସୁଗାର ଓ ଗିରଫ ଅଭିଯୁକ୍ତ।

## ୪ ବଖରା ପୋଡ଼ିଗଲା

**ଢେଙ୍କାନାଳ ଅଫିସ, ୨।୯:** ଢେଙ୍କାନାଳ ଜିଲା ସଦର ବ୍ଲକ ନାଗେନା ଗ୍ରାମରେ ଶୁକ୍ରବାର ରାତି ୮ଟାରେ ଅଗ୍ନିକାଣ୍ଡ ଘଟି ଗୋପୀନାଥ ସାମଲଙ୍କ ୪ ବଖରା ଘର ପୋଡ଼ିଯାଇଛି। ରୋଷେଇ ଘର ରନ୍ଧନ ଗ୍ୟାସ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଅଗ୍ନିକାଣ୍ଡ ସମୟରେ ପରିବାର ସଦସ୍ୟ ଘରେ ଫସିଯାଇଥିଲେ। ତେବେ ଗ୍ରାମବାସୀଙ୍କ ଉଦ୍ୟମରେ ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି।

## ସଂକ୍ଷେପରେ

### ୬୧ ବୋତଲ କଫ୍ ସିରପ୍ ଜବତ



**ଭୁବନ, ୨।୯(ଡି.ଏନ୍.ଏ.):** ଭୁବନ ଥାନା ଅନ୍ତର୍ଗତ ସୁରପ୍ରତାପପୁର ଗ୍ରାମରେ ଶୁକ୍ରବାର ଅବକାରୀ ବିଭାଗ ଚଢ଼ାଉ କରି ୬୧ ବୋତଲ କଫ୍ ସିରପ୍ ଜବତ କରିଛି। ଏଭଳି ନିଷିଦ୍ଧ ନିଶାର ବେଆଇନ କାରବାରରେ ସମ୍ପୃକ୍ତି ଅଭିଯୋଗରେ ଦିଲୀପ ସାମଲ (୪୭)ଙ୍କୁ ଗିରଫ କରାଯାଇଛି। ଗ୍ରାମରେ କଫ୍ ସିରପ୍‌ର ବେଆଇନ କାରବାର ହେଉଥିବା ସୂଚନା ପାଇ ଢେଙ୍କାନାଳ ଅବକାରୀ ନିରୀକ୍ଷକ ପ୍ରଦୀପ ପାଣିଗ୍ରାହୀଙ୍କ ନିର୍ଦ୍ଦେଶରେ ଭୁବନ ଅବକାରୀ ବିଭାଗ ଅଧିକାରୀ ସଞ୍ଜୀବ କୁମାର ଶର୍ମା, ପରଜଙ୍ଗ ଅବକାରୀ ବିଭାଗ ଅଧିକାରୀ ଆରତୀ ମିଶ୍ର, କର୍ମଚାରୀ ଦେବବ୍ରତ ରାଉଳ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ସୁରପ୍ରତାପପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ କଫ୍ ସିରପ୍ ଭର୍ତ୍ତି ଜରି ବସ୍ତା ସହ ଦିଲୀପ ଧରାପଡ଼ିଥିଲେ। ତାଙ୍କଠାରୁ ୧୦୦ ମିଲିଲିଟର ବିଶିଷ୍ଟ ୬୧ ବୋତଲ କଫ୍ ସିରପ୍ ଜବତ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ୪ରେ ଏଏପିର ଜିଲା ସମ୍ମିଳନୀ




**ଢେଙ୍କାନାଳ ଅଫିସ, ୨।୯:** ଢେଙ୍କାନାଳ ଆମ୍ ଆଦମୀ ପାର୍ଟି (ଏଏପି)ର ଜିଲା ସମ୍ମିଳନୀ ଆସନ୍ତା ୪ ତାରିଖରେ ଅନୁଷ୍ଠିତ ହେବ। ଏଥିଲାଗି ଆବାହକ ପଙ୍କଜ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। 'ଆସ ଗଢ଼ିବା ନୂଆ ଓଡ଼ିଶା' ଡାକରା ଆଧାରରେ ଦଳପକ୍ଷରୁ ପ୍ରତି ଜିଲାରେ ସମ୍ମିଳନୀ ଆୟୋଜନ କରାଯାଉଛି। ଏଦିଗରେ ସକ୍ରିୟ କର୍ମୀମାନେ ସଚେତନ ହୋଇ କାର୍ଯ୍ୟ କରିବାକୁ ମତ ପ୍ରକାଶ ପାଇଥିଲା। ଢେଙ୍କାନାଳକୁ ଦୁର୍ନୀତି ମୁକ୍ତ ଏବଂ ସମୃଦ୍ଧଶାଳୀ ଜିଲା ଭାବେ ଗଢ଼ି ତୋଳିବାକୁ ସମସ୍ତେ ସଂକଳ୍ପ ନେଇଥିଲେ। ଜିଲା ଉପସଭାପତି ପର୍ଶୁରାମ ମହାଭୋଇ, ସମ୍ପାଦକ ବିଷ୍ଣୁ ପ୍ରସାଦ ପଣ୍ଡା, ଶିବାଜୀ ମଲ୍ଲିକ, ଅନ୍ତର୍ଯ୍ୟାମୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

### ୫୨ ୟୁନିଟ୍ ରକ୍ତ ସଂଗ୍ରହ

**କାମାକ୍ଷାନଗର, ୨।୯।(ଡି.ଏନ୍.ଏ.):** କାମାକ୍ଷାନଗର ଯୁବ ବିଜେଡି ଏବଂ ଭବାନୀ କ୍ଲବର ମିଳିତ ଆନୁକୂଲ୍ୟରେ ଜିରିଡ଼ାମାଳିରେ 'ଜୀବନବିନ୍ଦୁ' ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରି କହିଲେ, ରକ୍ତଦାନ ମହାପୁଣ୍ୟ। ଏଭଳି ମହତ୍ କାର୍ଯ୍ୟରେ ସମସ୍ତେ ସାମିଲ ହେବା ଉଚିତ। ବିଶେଷ କରି ଯୁବବର୍ଗ ରକ୍ତଦାନ ଲାଗି ଆଗେଇ ଆସିବାକୁ ସେ ନିବେଦନ କରିଛନ୍ତି। ଏହି ଅବସରରେ ମୋଟ୍ ୫୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଜିଲା ଯୁବ ବିଜେଡି ସଭାପତି ତଥା କାମାକ୍ଷାନଗର ନଗରପାଳ ଧର୍ମାନନ୍ଦ ପରିଡ଼ା, କାନପୁରା ସରପଞ୍ଚ ସତ୍ୟଜିତ୍ ରାଉତ, ସମିତିସଭ୍ୟା ରୀତା ବେହେରା, ସାମାଜିକ କର୍ମୀ ସୁମନ୍ତ ଜେନା, କାମାକ୍ଷାନଗର ରକ୍ତଦାତା ସଂଘ ସଂଯୋଜକ ହିମାଂଶୁ ଶେଖର ମହାପାତ୍ର, ହୃଦୟ ବଲ୍ଲଭ ମିଶ୍ର, ସୁମିତ୍ରା ମିଶ୍ର, ଭବାନୀ କ୍ଲବ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

### ନୂଆଖାଇ ପାଳିଲେ କିନ୍ନର

**ଢେଙ୍କାନାଳ ଅଫିସ, ୨।୯:** ଢେଙ୍କାନାଳ ଇନରହ୍ୱିଲ କ୍ଲବର କପିଳାସ ଶାଖା ପକ୍ଷରୁ ମହିଷାପାଟ ନିକଟ କିନ୍ନର ବସ୍ତିରେ ଆନନ୍ଦ ଉଲ୍ଲାସର ସହ ଗଣପର୍ବ ନୂଆଖାଇ ପାଳନ କରାଯାଇଛି। କ୍ଲବ ଅଧ୍ୟକ୍ଷା ଦୀପ୍ତିବାଳା ମିଶ୍ରଙ୍କ ନେତୃତ୍ୱରେ ସମ୍ପାଦିକା ବିଶ୍ୱଭାରତୀ ରଥ, ପୁଷ୍ପାରାଣୀ ମିଶ୍ର, ଆଇଏସ୍‌ଓ ପ୍ରିୟତମା ମିଶ୍ର, କୋଷାଧ୍ୟକ୍ଷା ଅନ୍ନପୂର୍ଣ୍ଣା ବେହେରାଙ୍କ ଉପସ୍ଥିତିରେ ଅନୁଷ୍ଠାନ ପକ୍ଷରୁ ଗ୍ୟାସ୍ ଷ୍ଟୋଭ୍, ଶୁଖିଲା ଖାଦ୍ୟ, ପ୍ରସାଧନ ସାମଗ୍ରୀ ଓ ଅର୍ଥରାଶି ପ୍ରଦାନ କରାଯାଇଥିଲା। ସମସ୍ତେ ମିଷ୍ଟାନ୍ନ ଭୋଜନ କରି ନୂଆଖାଇ ପାଳିଥିଲେ। ଏହି ଅବସରରେ କିନ୍ନରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରି ପର୍ବର ମଜା ନେଇଥିଲେ। ଆଗାମୀ ଦିନରେ କିନ୍ନରଙ୍କୁ ସହଯୋଗ ଜାରି ରହିବ ବୋଲି ଅଧ୍ୟକ୍ଷା ମିଶ୍ର ସୂଚନା ଦେଇଛନ୍ତି।

# ପାଳି ଅପେକ୍ଷାରେ ଓଳିଏ

**କାମାକ୍ଷାନଗର, ୨।୯(ଡି.ଏନ୍.ଏ.)**



■କାମାକ୍ଷାନଗର ଚିକିତ୍ସାଳୟରେ ଚରମ ଅବ୍ୟବସ୍ଥା
■ରୋଗ ଯନ୍ତ୍ରଣାଠାରୁ ବେଦନାଦାୟକ ଦୀର୍ଘ ପ୍ରତୀକ୍ଷା
■୬ ଡାକ୍ତର ସମ୍ଭାଳୁଛନ୍ତି ୧୯ ଜଣଙ୍କ ଦାୟିତ୍ୱ

ଡାକ୍ତରଙ୍କୁ ଜଣାଇବେ ସ୍ୱାସ୍ଥ୍ୟ ସମସ୍ୟା। ଏହି ଆଶାରେ ରାତି ନ ପାହୁଣୁ ଡାକ୍ତରଖାନାକୁ ଛୁଟୁଛନ୍ତି ରୋଗୀ। ଡାକ୍ତରଙ୍କ ଚ୍ୟାମ୍ବର ପାଖରୁ ସ୍ୱାସ୍ଥ୍ୟକେନ୍ଦ୍ର ବାହାର ଯାଏ ଲମ୍ବୁଛି ଲାଇନ୍। ଧାଡ଼ିରୁ ବାହାରିଗଲେ ସେହି ଜାଗା କାଳେ ଆଉ କିଏ ମାଡ଼ି ବସିବ, ସେହି ଆଶଙ୍କାରେ ଘଣ୍ଟା ଘଣ୍ଟା ଧରି ଅସହାୟ ଅବସ୍ଥାରେ ଅପେକ୍ଷା କରୁଛନ୍ତି ସେମାନେ। ଗର୍ଭବତୀ, ପ୍ରସୂତି, ଶିଶୁ, ଦିବ୍ୟାଙ୍ଗ କେହି ଏଥିରୁ ବାଦ୍ ପଡୁନାହାନ୍ତି। ସ୍ଥଳ ବିଶେଷରେ ଯନ୍ତ୍ରଣାରେ ଛଟପଟ ହେଉଥିବା ରୋଗୀଙ୍କୁ ବାରଣ୍ଡାରେ ପକାଇ ଦେଇ ସମ୍ପର୍କୀୟମାନେ ଧାଡ଼ିରେ ଚାହିଁ ରହୁଛନ୍ତି ଡାକ୍ତରଙ୍କ ଡାକରାକୁ। ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଡାକ୍ତର ଅଭାବଜନିତ ସମସ୍ୟାରୁ ଏଭଳି ଚରମ ଅବ୍ୟବସ୍ଥା ସୃଷ୍ଟି ହୋଇଥିବାବେଳେ ପାଳିକୁ ଅପେକ୍ଷା କରି ଓଳିଏ କଟୁଛି। ୧୯ ଡାକ୍ତରଙ୍କ ବଦଳରେ ମାତ୍ର ୬ ଜଣରେ ସ୍ୱାସ୍ଥ୍ୟକେନ୍ଦ୍ର ଚାଲିଥିବାବେଳେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ରୋଗୀ ଅଭିଯୋଗ କରିଛନ୍ତି।

କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ ଉପରେ ଭୁବନ, କାମାକ୍ଷାନଗର, ପରଜଙ୍ଗ, କଙ୍କଡ଼ାହାଡ଼ ବ୍ଲକ ସମେତ ସୀମାନ୍ତ କେନ୍ଦୁଝର ଜିଲାର ୧୦ ପଞ୍ଚାୟତର ରୋଗୀ ନିର୍ଭରଶୀଳ। ଜିଲାର ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଡାକ୍ତରଖାନାରେ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ନାହାନ୍ତି ଡାକ୍ତର। ସ୍ୱାସ୍ଥ୍ୟକେନ୍ଦ୍ରରେ ୧୯ ଜଣ ଡାକ୍ତର ନିଯୁକ୍ତି ପାଇବାକୁ ନିର୍ଦ୍ଦେଶ ଥିବାବେଳେ ମାତ୍ର ୬ଜଣ ଅଛନ୍ତି। କାଗଜ କଲମରେ ୧୧ ଜଣ ଡାକ୍ତର ନିଯୁକ୍ତି ପାଇଥିବା କୁହାଯାଉଥିଲେ ମଧ୍ୟ ବାସ୍ତବ ତଥ୍ୟ ଭିନ୍ନ। ସେମାନଙ୍କ ମଧ୍ୟରୁ ୪ଜଣ ଡାକ୍ତର ଦୀର୍ଘଦିନ ହେଲା ଡେପୁଟେଶନରେ। ଅନ୍ୟ ଜଣେ ଡାକ୍ତର ଚାକିରିରୁ ଅବ୍ୟାହତି ନେବାକୁ ସରକାରଙ୍କ ନିକଟରେ ଆବେଦନ କରି ୨ ବର୍ଷ ହେଲା ଛୁଟିରେ। ଏଭଳି ସ୍ଥିତିରେ ମାତ୍ର ୬ ଡାକ୍ତରଙ୍କ ଉପରେ ପଡୁଛି ୧୯ ଜଣଙ୍କ ବୋଝ। ସ୍ତ୍ରୀ ଓ ପ୍ରସୂତି ବିଭାଗରେ ୨ ବିଶେଷଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ଜଣେ ଡାକ୍ତରଖାନା ଦାୟିତ୍ୱ ସମ୍ଭାଳୁଛନ୍ତି। ବହିର୍ବିଭାଗରେ ନିୟୋଜିତ ୨ ଡାକ୍ତର ଅଧିକାଂଶ ସମୟରେ ରାତ୍ରିକାଳୀନ ଡ୍ୟୁଟି କରୁଛନ୍ତି। ରାତ୍ରିକାଳୀନ ଡ୍ୟୁଟି କରୁଥିବା ଡାକ୍ତର ପରଦିନ ବିଶ୍ରାମ ନେବା ନିୟମ ରହିଛି। ହେଲେ ତାହା ହେଉନାହିଁ। ଜରୁରୀ ସମୟରେ ମୃତଦେହ ବ୍ୟବଚ୍ଛେଦ କାର୍ଯ୍ୟ ମଧ୍ୟ ସେମାନେ କରୁଛନ୍ତି। ଅତ୍ୟଧିକ କାର୍ଯ୍ୟଚାପ ଯୋଗୁ ରୋଗୀସେବା ଉଣା ଅଧିକେ ପ୍ରଭାବିତ ହେଉଛି। ସେହିପରି ଜଣେ ଦନ୍ତ ବିଶେଷଜ୍ଞ ହୋଇଥିବାବେଳେ ଅନ୍ୟ ଜଣେ ଡାକ୍ତର ଡେପୁଟେଶନରେ ଆସିଛନ୍ତି। ଭେଷଜ, ଶିଶୁ, ସର୍ଜରି, ଆଖି, ନିଶ୍ଚେତକ, ଅସ୍ଥିଶଲ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ବିଶେଷଜ୍ଞ ପଦବୀ ଦୀର୍ଘ ବର୍ଷ ହେଲା ପୂରଣ ହେଉନାହିଁ। ସର୍ଜରି ବିଭାଗ ଖାଲି ପଡ଼ିଥିବାରୁ ଅସ୍ତ୍ରୋପଚାର ଯନ୍ତ୍ରାଂଶ ନଷ୍ଟ ହେବାକୁ ବସିଲାଣି।

କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟର ଆଉଟ୍‌ଡୋରକୁ ପ୍ରାୟ ୫୦୦ ଏବଂ ଜରୁରିକାଳୀନ ୱାର୍ଡକୁ ୧୦୦ରୁ ଊର୍ଦ୍ଧ୍ୱ ରୋଗୀ ଦୈନିକ ଆସୁଛନ୍ତି। ସେମାନଙ୍କୁ ଠିକ୍ ସମୟରେ ସେବା ଯୋଗାଇଦେବା ଡାକ୍ତରଙ୍କ ପକ୍ଷେ କାଠିକର ପାଠ ହେଉଛି। ସେହିପରି ବ୍ୟସ୍ତବହୁଳ ୫୩ନଂ. ଜାତୀୟ ରାଜପଥରେ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଦୁର୍ଘଟଣାଗ୍ରସ୍ତ ରୋଗୀ ଡାକ୍ତରଖାନାକୁ ବୁହା ହୋଇ ଆସୁଥିବାବେଳେ ଠିକ୍ ସମୟରେ ଚିକିତ୍ସା ସେବା ନ ପାଇ ସେମାନଙ୍କ ମଧ୍ୟରୁ ଅନେକଙ୍କ ଜୀବନ ଯାଉଥିବା ଅଭିଯୋଗ ହେଉଛି। ଏହାକୁ ନେଇ ଜନ ଅସନ୍ତୋଷ ତୀବ୍ର ହେବାରେ ଲାଗିଥିବାବେଳେ ଅଞ୍ଚଳବାସୀ ଆନ୍ଦୋଳନ ପାଇଁ ସଜବାଜ ହେଲେଣି।

ଡାକ୍ତର ଅଭାବ ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ଉପଖଣ୍ଡ ଚିକିତ୍ସାଧିକାରୀ ଡା. ସୁବାସ ଚନ୍ଦ୍ର ମଣ୍ଡଳ ସ୍ୱୀକାର କରିଛନ୍ତି। ସେ କହିଛନ୍ତି, ଆବଶ୍ୟକ ଡାକ୍ତର, କର୍ମଚାରୀ ନ ଥିବା ରୋଗୀସେବା ବ୍ୟାହତ ହେଉଛି। ଅନେକ ସମୟରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ରୋଷର ଶିକାର ହେବାକୁ ପଡୁଛି। ଯୁବ ଡାକ୍ତରମାନେ ଉଚ୍ଚ ଶିକ୍ଷା ପାଇଁ ସହରରେ ରହିବାକୁ ଇଚ୍ଛୁକ ହେଉଥିବାବେଳେ ଗ୍ରାମାଞ୍ଚଳକୁ ଆସିବାକୁ ପସନ୍ଦ କରୁନାହାନ୍ତି। କେବଳ କାମାକ୍ଷାନଗର ନୁହେଁ, ସାରା ଓଡ଼ିଶାରେ ଏଭଳି ସମସ୍ୟା ଲାଗି ରହିଥିବା ସେ କହିଛନ୍ତି।

## ଅସନ୍ତୋଷ ଝାଡ଼ିଲେ ରୋଗୀ


ଭୀମସେନ ପରିଡ଼ା


ପ୍ରିୟଙ୍କା ଭୂତିଆ


ଶ୍ରୀକାନ୍ତ ମଲ୍ଲିକ

ପେଟବ୍ୟଥାରୁ ଉପଶମ ପାଇଁ ଆସିଥିବା କାଦୁଆ ଗ୍ରାମର ଦିବ୍ୟାଙ୍ଗ ଭୀମସେନ ପରିଡ଼ା କୁହନ୍ତି, ଗୋଡ଼ ଅଚଳ ପ୍ରାୟ। ଛିଡ଼ା ହୋଇ ରହିବାରେ ପ୍ରବଳ କଷ୍ଟ ହେଉଛି। ଦୁଇ ଘଣ୍ଟା ଧରି ଅପେକ୍ଷା କରିବା ସତ୍ତ୍ୱେ ପାଳି ପଡୁନାହିଁ। କଙ୍କଡ଼ାହାଡ଼ ବାଟଗାଁ ପଞ୍ଚାୟତର ଶ୍ରୀକାନ୍ତ ମଲ୍ଲିକ କୁହନ୍ତି, ସ୍ତ୍ରୀ ମହାଶ୍ୱେତା ପରିଡ଼ାଙ୍କୁ ଦୁଇଦିନ ହେଲା ଜ୍ୱର ହେଉଛି। ସ୍ତ୍ରୀ ଛିଡ଼ା ହୋଇ ପାରୁ ନ ଥିବାରୁ ତାଙ୍କ ପାଇଁ ସେ ଧାଡ଼ିରେ ଅପେକ୍ଷା କରିଛନ୍ତି। ଅତ୍ୟଧିକ ରକ୍ତସ୍ରାବରେ ଛଟପଟ ହେଉଥିବା କାକୁଡ଼ିଆ ଗ୍ରାମର ପ୍ରିୟଙ୍କା ଭୂତିଆ କୁହନ୍ତି, ରୋଗୀ କଷ୍ଟ ପାଉଥିବାବେଳେ ଆଗୁଆ ଧାଡ଼ିରେ ଛାଡ଼ିବାକୁ କେହି ପ୍ରସ୍ତୁତ ନୁହନ୍ତି। ତେଣୁ ତାଙ୍କ ସ୍ୱାମୀ ସୁରକ୍ଷାକର୍ମୀଙ୍କ ସହାୟତାରେ ଡାକ୍ତରଙ୍କ ପରାମର୍ଶ କରିବାକୁ ଉଦ୍ୟମ କରୁଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ଧାଡ଼ିରେ ଅପେକ୍ଷା କରିଥିବା ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ଏଭଳି ମତରୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ରୋଗୀସେବା କିପରି ଚାଲିଛି ତାହା ସ୍ପଷ୍ଟ ଅନୁମେୟ। ଏଭଳି ଅବ୍ୟବସ୍ଥା କାରଣରୁ ମେଡିକାଲ ଉପରୁ ରୋଗୀ ଭରସା ତୁଟାଉଥିବାବେଳେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

## ଯବାନ ସଞ୍ଜୟଙ୍କ ଶେଷକୃତ୍ୟ ସମ୍ପନ୍ନ

**ଢେଙ୍କାନାଳ ଅଫିସ, ୨।୯**


ଯବାନ ସଞ୍ଜୟ ବେହେରା।

ପଞ୍ଜାବ ପଟିଆଲାରେ କାର୍ଯ୍ୟରତ ସମୟରେ ଓଡ଼ିଆ ଯବାନ ତଥା ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଗାଲପଡ଼ା ପଞ୍ଚାୟତ ଝାଡବନ୍ଧ ଗ୍ରାମର ସଞ୍ଜୟ ବେହେରା (୪୩)ଙ୍କ ଗୁରୁବାର ହୃଦ୍‌ଘାତରେ ପରଲୋକ ହୋଇଯାଇଥିଲା। ସଞ୍ଜୟଙ୍କ ମରଶରୀର ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିବା ପରେ ତାଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦା ଜ୍ଞାପନ କରାଯାଇଥିଲା। ମରଶରୀର ନିମବାହାଳି ଛକରେ ପହଞ୍ଚିବା ପରେ ସେଠାରୁ ଏକ ଶୋଭାଯାତ୍ରାରେ ଜନ୍ମସ୍ଥାନ ଝାଡ଼ବନ୍ଧକୁ ନିଆଯାଇଥିଲା। ବିଧାୟିକା ସୀମାରାଣୀ ନାୟକ, ସରପଞ୍ଚ ନର୍ମଦା ସେଠୀ, ବିଜେଡି ନେତା ନବକିଶୋର ବାରିକଙ୍କ ସମେତ ପୂର୍ବତନ ସେନା କର୍ମଚାରୀ, ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଏକ ଭାବବିହ୍ୱଳ ପରିବେଶରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସୂଚନାଯୋଗ୍ୟ, ଲମ୍ବୋଦର ବେହେରାଙ୍କ ସାନପୁଅ ହେଉଛନ୍ତି ସଞ୍ଜୟ। ତାଙ୍କ ସ୍ତ୍ରୀ ବିଷ୍ଣୁପ୍ରିୟା ସ୍ଥାନୀୟ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷୟିତ୍ରୀ। ସେମାନଙ୍କର ଦୁଇ ପୁତ୍ର ଅଛନ୍ତି। ଦୁଇମାସ ତଳେ ସଞ୍ଜୟ ଛୁଟିରେ ଆସିଥିଲେ। ତାଙ୍କର ଏଭଳି ପରଲୋକରେ ଅଞ୍ଚଳବାସୀ ସ୍ତବ୍ଧ ହୋଇଯାଇଛନ୍ତି।

## ଅଭିଯୁକ୍ତଙ୍କୁ ଗିରଫ ଦାବି

**ଢେଙ୍କାନାଳ ଅଫିସ, ୨।୯**

ହିନ୍ଦୋଳ ବ୍ଲକ ବଳରାମପ୍ରସାଦ ଗ୍ରାମର ଅମର ଜେନା ଏବଂ ତାଙ୍କ ପୁତ୍ର କୈବଲ୍ୟଙ୍କୁ ଗତ ୩୧ ତାରିଖରେ ଛେଳିଆପଡ଼ା ଗ୍ରାମ ନିକଟରେ ୪ଜଣ ବ୍ୟକ୍ତି ଷ୍ଟିଲ୍ ରଡ୍‌ରେ ଆକ୍ରମଣ କରିଥିଲେ। ଏ ନେଇ ହିନ୍ଦୋଳ ରୋଡ୍ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଘଟଣାକୁ ୩ଦିନ ବିତିଯାଇଥିବାବେଳେ ଅଭିଯୁକ୍ତଙ୍କୁ ଅଦ୍ୟାବଧି ଗିରଫ କରାଯାଇନାହିଁ। ପୀଡ଼ିତ ପରିବାର ଅସୁରକ୍ଷିତ ମଣୁଛନ୍ତି। ଶୁକ୍ରବାର ଅମରଙ୍କ ସ୍ତ୍ରୀ ଅଞ୍ଜଳି ଜେନା ନ୍ୟାୟ ଦାବିରେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏସ୍‌ପି ଘଟଣାର ତଦନ୍ତ ପାଇଁ ସଦର ଏସ୍‌ଡିପିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏସ୍‌ଡିପିଓ ବିକାଶ ବେଉରା କୁହନ୍ତି, ଘଟଣାର ତଦନ୍ତ କରାଯିବ।

## ଡାକ୍ତରଖାନା ଘେରିଲେ ଆଇନଜୀବୀ

**ହିନ୍ଦୋଳ, ୨।୯(ଡି.ଏନ୍.ଏ.)**


ଆଇନଜୀବୀମାନେ ଉପଖଣ୍ଡ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ଦୀର୍ଘଦିନ ଧରି ଡାକ୍ତର ସମସ୍ୟା ଲାଗି ରହିଛି। ଫଳରେ ରୋଗୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ହିନ୍ଦୋଳ ଓକିଲ ସଂଘ ପକ୍ଷରୁ ମାସେ ତଳେ ଏ ନେଇ ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅବଗତ କରାଯାଇଥିଲା। ତେବେ ଏଥିପ୍ରତି ଦୃଷ୍ଟି ଦିଆ ନ ଯିବାରୁ ଶୁକ୍ରବାର ସଂଘ ପକ୍ଷରୁ ଡାକ୍ତରଖାନା ଘେରାଉ କରାଯାଇଥିଲା। ଉପଖଣ୍ଡ ଚିକିତ୍ସାଧିକାରୀ ଡା. ସୁଧାଂଶୁ ମିଶ୍ରଙ୍କ ସହ ଦୀର୍ଘ ସମୟ ଆଲୋଚନା ପରେ ସମସ୍ୟା ସମ୍ପର୍କରେ ସେ ସିଡିଏମ୍‌ଓ ଏବଂ ବିଭାଗୀୟ ସଚିବଙ୍କୁ ଅବଗତ କରାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସ୍ଥିତି ନିୟନ୍ତ୍ରଣ ହୋଇଥିଲା। ସୂଚନାଯୋଗ୍ୟ, ଉକ୍ତ ଚିକିତ୍ସାଳୟରେ ୨୧ ଡାକ୍ତର ରହିବା ପରିବର୍ତ୍ତେ ମାତ୍ର ୪ ଜଣ ଅଛନ୍ତି। ସାମାନ୍ୟ ଜ୍ୱର, ମୁଣ୍ଡବ୍ୟଥା କିମ୍ବା ଦୁର୍ଘଟଣା ହେଲେ ରୋଗୀଙ୍କୁ ଅନୁଗୋଳ କିମ୍ବା ଢେଙ୍କାନାଳ ରେଫର କରିଦିଆଯାଉଛି। କୌଣସି ବିଭାଗରେ ଜଣେ ହେଲେ ବିଶେଷଜ୍ଞ ନ ଥିବାରୁ ରୋଗୀ କଲବଲ ହେଉଛନ୍ତି। ଡାକ୍ତର ସମସ୍ୟାର ସମାଧାନ ନ ହେଲେ ଡାକ୍ତରଖାନାରେ ତାଲା ପକାଇ ଦିଆଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## 'ବରିଷ୍ଠମାନେ ଜାତିର ସମ୍ପଦ'



**ଢେଙ୍କାନାଳ ଅଫିସ, ୨।୯**

ସ୍ଥାନୀୟ ଅଭିନନ୍ଦନ ଗାର୍ଡେନ୍ ସଭାଗୃହ ପରିସରରେ ଢେଙ୍କାନାଳ ବରିଷ୍ଠ ନାଗରିକ ମଞ୍ଚର ୧୮ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ସଭାପତି ପ୍ରହ୍ଲାଦ ତ୍ରିପାଠୀଙ୍କ ସଭାପତିତ୍ୱରେ ଏମ୍‌ପି ମହେଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଣେଶଙ୍କ ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସଭାକାର୍ଯ୍ୟର ଶୁଭାରମ୍ଭ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଲେ, ବରିଷ୍ଠମାନେ ହେଉଛନ୍ତି ଜାତିର ସମ୍ପଦ। ସେମାନଙ୍କ ଅନୁଭବ, ଅନୁଭୂତି ଓ ଅଭିଜ୍ଞତାକୁ ସବୁସ୍ତରରେ ଉପଯୋଗ କରିପାରିଲେ ଦେଶ, ସମାଜ ଏବଂ ପରିବାରର ମଙ୍ଗଳ ହୋଇପାରିବ। ବରିଷ୍ଠ ଉପଦେଷ୍ଟା ଡ. ବିଧୁଭୂଷଣ ନନ୍ଦ, ଉପସଭାପତି ବସନ୍ତ ପଟ୍ଟନାୟକ, ସମ୍ପାଦକ କୃଷ୍ଣ ମୋହନ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ।

ପ୍ରାରମ୍ଭରେ ଶିକ୍ଷାବିତ୍ ଶତ୍ରୁଘ୍ନ ଭୂତିଆ ଏବଂ ପ୍ରମୋଦ ମହାପାତ୍ରଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ, ଡ. ନିଳନ ମିଶ୍ର, ଉପଦେଷ୍ଟା ଡ. ପୀତବାସ ଷଡ଼ଙ୍ଗୀ, ମନୋରଞ୍ଜନ ନନ୍ଦ ପ୍ରମୁଖ ବରିଷ୍ଠଙ୍କୁ, ଉତ୍ତମ ସ୍ୱାସ୍ଥ୍ୟସେବା, ରେଳଯାତ୍ରାରେ ରିହାତି ବ୍ୟବସ୍ଥାର ପୁନଃ ପ୍ରଚଳନ ପାଇଁ ପ୍ରସ୍ତାବ ଦେଇଥିଲେ। କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଶତପଥୀ, ଯୁଗ୍ମ ସମ୍ପାଦକ ବୈକୁଣ୍ଠନାଥ ବେହେରା, ଭ୍ରମରବର ଦଳାଇ, ପ୍ରତାପ ପତି, କୈଳାସ ପଟ୍ଟନାୟକ, ଉପେନ୍ଦ୍ର ରାଉତ, ତରୁଣ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

## ଯୁବକଙ୍କୁ ଭୁଜାଲି ଚୋଟ, ବାହାରିଗଲା ଅନ୍ତବୁଜୁଳା

**ଢେଙ୍କାନାଳ ଅଫିସ, ୨।୯**

ଢେଙ୍କାନାଳ ସଦର ଥାନା ଛାଟିଆ ଗ୍ରାମର ରଞ୍ଜନ ବେହେରା ଓରଫ୍ ଟୁଟୁଙ୍କ ଉପରେ ଗୁରୁବାର ରାତି ପ୍ରାୟ ସାଢ଼େ ୧୦ଟାରେ ମରଣାନ୍ତକ ଆକ୍ରମଣ ହୋଇଛି। ଗଣେଶ ପୂଜା ଭସାଣି ଚାଲିଥିବାବେଳେ ଗ୍ରାମର କେତେଜଣ ଯୁବକ ସଂଘବଦ୍ଧ ଭାବେ ଖଣ୍ଡା ଓ ଭୁଜାଲିରେ ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କର ଅନ୍ତବୁଜୁଳା ବାହାରି ପଡ଼ିଛି। ଗୁରୁତର ଅବସ୍ଥାରେ ଟୁଟୁଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ଭସାଣି ଶୋଭାଯାତ୍ରା ଚାଲିଥିବା ବେଳେ କେତେଜଣ ଯୁବକ ପହଞ୍ଚି ଗଣ୍ଡଗୋଳ କରିଥିଲେ। ଏହାକୁ ଟୁଟୁ ବିରୋଧ କରିବାରୁ ସେମାନେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଭୁଜାଲିରେ ଆକ୍ରମଣ କରିଥିବା ତାଙ୍କ ମା' ସଦର ଥାନାରେ ଅଭିଯୋଗ କରିଛନ୍ତି। ଅଦ୍ୟାବଧି କାହାରିକୁ ଗିରଫ କରାଯାଇ ନ ଥିବା ସଦର ଏସ୍‌ଡିପିଓ ବିକାଶ ବେଉରା ସୂଚନା ଦେଇଛନ୍ତି।

## ଅଞ୍ଚଳକୁ ନିଶାମୁକ୍ତ କରିବା ଦାବି


ନିଶା କାରବାର ରୋକିବା ଦାବିରେ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

**ଢେଙ୍କାନାଳ ଅଫିସ, ୨।୯**

ଢେଙ୍କାନାଳ ଜିଲା ଗଁଦିଆ ଥାନା ଅଞ୍ଚଳରେ ନିଶା କାରବାର ବଢ଼ିବାରେ ଲାଗିଛି। ଏହାକୁ ରୋକିବା ପାଇଁ ନୀଳମାଧବ ଆଦିବାସୀ ଶବର ସଂଘ ମହିଳା ଶାଖା ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କୁ ଲିଖିତ ଭାବରେ ଅବଗତ କରାଯାଇଛି। ଅଭିଯୋଗ ଅନୁଯାୟୀ, ପଡ଼ୋଶୀ ଜିଲାରୁ ଗଁଦିଆ ଅଞ୍ଚଳକୁ ଚୋରା ମଦ ଆସୁଛି। ଏଥିରେ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟବସାୟୀ ସମ୍ପୃକ୍ତ ଅଛନ୍ତି। ନିଶା ସେବନ ଯୋଗୁ ପରିବାରରେ ଅଶାନ୍ତିର ବାତାବରଣ ସୃଷ୍ଟି ହେଉଛି। ପୋଲିସ ପ୍ରଶାସନ ଏହାକୁ ରୋକିବା ବଦଳରେ ନିଦାବିଷ୍ଟ ପାଲଟିଛି। ଫଳରେ ମହିଳାମାନେ ବେଶି ପ୍ରଭାବିତ ହେଉଛନ୍ତି। ଏହାର ପ୍ରତିକାର କରିବା ଲାଗି ପ୍ରହ୍ଲାଦ ଶବରଙ୍କ ନେତୃତ୍ୱରେ ତୁଳସୀ ଦେହୁରୀ, ମିନି ଦେହୁରୀ, ରଇବାରୀ ଖଟୁଆ, ତପନି ଖଟୁଆ, ଲୋଚନି ଦେହୁରୀ, ଗୌରୀ ଖଟୁଆ ପ୍ରମୁଖ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଞ୍ଚଳକୁ ମଦମୁକ୍ତ କରା ନ ଗଲେ ଆନ୍ଦୋଳନ ହେବ ବୋଲି ସେମାନେ କହିଛନ୍ତି।



ମହିଷାପାଟ ନିକଟ ବସ୍ତିରେ ଆୟୋଜିତ ନୂଆଖାଇ ପର୍ବରେ ଏକାଠି ହୋଇଥିବା ଢେଙ୍କାନାଳ ଇନରହ୍ୱିଲ କ୍ଲବର ସଦସ୍ୟ ଏବଂ କିନ୍ନରମାନେ।


ଢେଙ୍କାନାଳ ସଦର ବ୍ଲକ ମହୁଲପଡ଼ା, ବଳଦିଆବନ୍ଧ, ତାଳବରକୋଟସ୍ଥିତ ମହିମା ଆଶ୍ରମରେ ନବାନ୍ନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉପସ୍ଥିତ ସାଧୁସନ୍ନ୍ୟାସୀମାନେ ନବାନ୍ନ ଭକ୍ଷଣ କରିବା ସହ ବିଶ୍ୱମଙ୍ଗଳ କାମନା କରୁଛନ୍ତି।

